# भाषाकलिका

## द्वितीयो भागः

## सप्तमश्रेणी

## संस्कृतपाठ्यपुस्तकम्

शिक्षा - अधिकारः

**सर्वशिक्षा - अभियानम्**

**सर्वे पठन्तु, समृद्धाः सन्तु**

शिक्षक - शिक्षा - निर्देशालयः
राज्य - शिक्षा - गवेषणा - प्रशिक्षण - परिषत्,
ओड़िशा, भुवनेश्वरम्

ओड़िशा - प्राथमिक - शिक्षा-
कार्यक्रम - प्राधिकरणम्,
भुवनेश्वरम्

# भाषाकलिका (द्वितीयो भाग)

## सप्तम श्रेणी-संस्कृतपाठयपुस्तकम्


**लेखकमण्डली :**

प्रो. गोपालकृष्ण दाशः

ड. कालीप्रसन्न शतपथी

पण्डित नृसिंह चरण पण्डा

ड. गौतम महारणा

**समीक्षकः**

ड. विपिनविहारी शतपथी

**संयोजना :**

ड. प्रीतिलता जेना

ड. तिलोत्तमा सेनापति

श्रीमती नमिता छोटराय



**प्रकाशक :**

विद्यालय - गणशिक्षा - विभागः,

ओड़िशा सर्वकारः

**प्रथम संस्करणम् :** २०११,
२०१६

**मुद्रणम् :** पाठ्य - पुस्तक - उत्पादन - विक्रयः भुवनेश्वरम्

**प्रस्तुतिः**

शिक्षक - शिक्षा - निर्देशालयः

राज्य - शिक्षा - गवेषणा - प्रशिक्षणम् परिषत्,

ओड़िशा, भुवनेश्वरम्

# ଭୂମିକା

ସଂସ୍କୃତ ବିଶ୍ୱରେ ଏକ ପ୍ରାଚୀନ ଭାଷା । ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ସଂସ୍କୃତଧାରା ପ୍ରବାହିତ । ସଂସ୍କୃତଭାଷାରେ ରଚିତ ବେଦ, ଉପନିଷଦ୍, ପୁରାଣ, ଶାସ୍ତ୍ର, କାବ୍ୟ ଓ ନାଟକ ପ୍ରଭୃତି ମାନବିକ ମୂଲ୍ୟବୋଧ, ସାଂସ୍କୃତିକ, ଐତିହାସିକ, ଦାର୍ଶନିକ, ଭୌଗୋଳିକ, ରାଜନୀତିକ, ଆଧ୍ୟାତ୍ମିକ ଏବଂ ବିଭିନ୍ନ ପ୍ରକାର ବୈଜ୍ଞାନିକ ଉପାଦାନରେ ପରିପୂର୍ଣ୍ଣ । ବିଶେଷଭାବେ ଭାରତୀୟ ସଂସ୍କୃତି ସଂସ୍କୃତ ଭାଷାର ମୌଳିକ ତତ୍ତ୍ୱଦ୍ୱାରା ସମୃଦ୍ଧ । 'ବସୁଧୈବ କୁଟୁମ୍ବକମ୍' ଏବଂ 'ବହୁଜନହିତାୟ ବହୁଜନସୁଖାୟ' ପ୍ରଭୃତି ଉଦାର ଚିନ୍ତାଧାରାକୁ ସଂସ୍କୃତଭାଷାଜ୍ଞାନ ଅଧ୍ୟୟନ ମାଧ୍ୟମରେ ବିଶ୍ୱରେ ପ୍ରକାଶ କରିବା ପାଇଁ ବର୍ତ୍ତମାନ ଶିକ୍ଷା ପଦ୍ଧତିରେ ସଂସ୍କୃତଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

ବିଦ୍ୟାଳୟ ସ୍ତରରେ ରାଷ୍ଟ୍ରିୟ ପାଠ୍ୟଚର୍ଯ୍ୟା ରୂପରେଖା - ୨୦୦୫ ଅନୁସାରେ ପ୍ରବର୍ତ୍ତିତ ପାଠ୍ୟକ୍ରମ ଅନୁଯାୟୀ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ତତ୍ତ୍ୱାବଧାନରେ ସଂସ୍କୃତରେ ନବୀନ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ନବୀନ ପାଠ୍ୟପୁସ୍ତକ ଶୃଙ୍ଖଳାରେ "ଭାଷା କଳିକା - ଦ୍ୱିତୀୟଭାଗଃ" ସପ୍ତମ ଶ୍ରେଣୀ ପାଇଁ ରଚିତ । ଏହି ପୁସ୍ତକରେ ଅତି ସରଳ ଭାଷାରେ ଶବ୍ଦରଚନା, ବାକ୍ୟଯୋଜନା, ମୌଖିକପାଠ, ନୈତିକ ଓ ଶିକ୍ଷଣୀୟ ମୂଲ୍ୟବୋଧ ମୂଳକ ବିଷୟବସ୍ତୁ ସନ୍ନିବେଶିତ ହୋଇଛି । ଚିତ୍ର, ଗୀତ ଓ ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ସଂସ୍କୃତ ପ୍ରତି ଅଭିରୁଚି ବୃଦ୍ଧିପାଇଁ ଯଥାସାଧ୍ୟ ଯତ୍ନ କରାଯାଇଛି । ଛାତ୍ରର ଚିନ୍ତନ ଓ ମନସ୍ତତ୍ତ୍ୱକୁ ବୁଝି ପ୍ରୟୋଗାତ୍ମକ ଶୈଳୀରେ ସଂସ୍କୃତ ପ୍ରତି ଆଦର ଓ ଅନୁରକ୍ତି ସୃଷ୍ଟି କରିବାରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପାଠ୍ୟପୁସ୍ତକରେ ଚିତ୍ରମାଧ୍ୟମରେ ବିଷୟବସ୍ତୁକୁ ରୁଚିକର ତଥା ବୋଧଗମ୍ୟ କରିବାକୁ ପ୍ରୟାସ କରାଯାଇଛି ।

'ଭାଷାକଳିକା - ଦ୍ୱିତୀୟଭାଗଃ'ରେ ନିମ୍ନଲିଖିତ ବିନ୍ଦୁ ଆଧାରରେ ବିଷୟ ଚୟନ କରାଯାଇଛି ।

- ଚିତ୍ର ମାଧ୍ୟମରେ ଭାଷା ଜ୍ଞାନ ଅର୍ଥାତ୍ ଶବ୍ଦ ଓ ବାକ୍ୟର ଶୁଦ୍ଧ ଉଚ୍ଚାରଣ ।
- ପ୍ରଶ୍ନୋତ୍ତର ମାଧ୍ୟମରେ ବୌଦ୍ଧିକ ବିକାଶ ।
- ଉଚ୍ଚ ପାଠନ, ଶ୍ରବଣ, ବୋଧନ, କଥନ ଓ ଲିଖନର ପ୍ରୟୋଗାତ୍ମକ ବ୍ୟବହାର ।
- ନୈତିକ ମୂଲ୍ୟବୋଧ ଭିତ୍ତିକ ସରଳଶ୍ଳୋକ ଓ ଗୀତର ପରିଚୟ ।
- ସଂସ୍କୃତରେ କଥୋପକଥନ ପାଇଁ ଅଭ୍ୟାସ ଓ ପ୍ରେରଣା ।
- ଆଦର୍ଶ କଥା ମାଧ୍ୟମରେ ସଦାଚାର ଶିକ୍ଷା ।

## ଶିକ୍ଷକ ଶିକ୍ଷିକାଙ୍କର ଭୂମିକା :

ରାଜ୍ୟର ଛାତ୍ରଛାତ୍ରୀମାନଙ୍କର ମନସ୍ତତ୍ତ୍ୱ ଓ ପରିବେଶକୁ ଦୃଷ୍ଟିରେ ରଖି ବିଜ୍ଞାନସମ୍ମତ ଓ ରୁଚିସମ୍ପନ୍ନ ପୁସ୍ତକ ପ୍ରଣୀତ ହୋଇଛି । ଏହା ନୂତନ ଶୈଳୀରେ ପ୍ରସ୍ତୁତ ହୋଇଥିବାରୁ ଏହାର ସଫଳ ପ୍ରୟୋଗ ଓ କାର୍ଯ୍ୟକାରିତା ଶିକ୍ଷକଶିକ୍ଷିକାମାନଙ୍କ ପାଠଦାନ କୌଶଳ ଉପରେ ନିର୍ଭର କରେ । ଦୃଶ୍ୟ-ଶ୍ରବ୍ୟ-ଯାନ୍ତ୍ରିକ ସାମଗ୍ରୀ ସହାୟତାରେ ଚିତ୍ର-ଗାନ-ପାଠ ଓ ଅଭିନୟ ମାଧ୍ୟମରେ ସଂସ୍କୃତ ଅଧ୍ୟୟନକୁ ସରଳ-ମଧୁର-ରୋଚକ ଓ ଲୋକପ୍ରିୟ କରିବା ପାଇଁ ଆନ୍ତରିକ ଶ୍ରଦ୍ଧା ତଥା ଉଦ୍ୟମ ନିରନ୍ତର ଆବଶ୍ୟକ ।

ଅନୁଭବୀ ଏବଂ ବିଚାରଶୀଳ ଶିକ୍ଷକ ଶିକ୍ଷିକାମାନଙ୍କର ସୁଚିନ୍ତିତ ପରାମର୍ଶ ଆମର ସ୍ୱାଗତଯୋଗ୍ୟ ।

।। ଇତି ।।

ଲେଖକ ମଣ୍ଡଳୀ

## SYLLABUS OF SANSKRIT
### (Upper Primary Level)

### 1. Introduction about the Subject :

ସଂସ୍କୃତଭାଷା ବିଶ୍ୱର ପ୍ରାଚୀନତମ ଭାଷା । ବୈଦିକକାଳରୁ ଆଜି ପର୍ଯ୍ୟନ୍ତ ସଂସ୍କୃତର ଅବିଚ୍ଛିନ୍ନ ଧାରା ପ୍ରବାହିତ । ଜ୍ଞାନ, ବିଜ୍ଞାନ ବିଷୟକ ଅନେକ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚିତ ହୋଇଥିବାର ଦେଖାଯାଏ । ବିଶେଷତଃ ଭାରତୀୟ ଭାଷାଶିକ୍ଷାପାଇଁ ସଂସ୍କୃତଭାଷା ସହାୟିକା ହୋଇଥାଏ । ଭାରତକୁ ଏକତା ସୂତ୍ରରେ ବାନ୍ଧି ଜାତୀୟ ସଂହତିକୁ ସୁଦୃଢ଼ କରିବାକୁ ସଂସ୍କୃତଭାଷା ଅଧ୍ୟୟନ ପ୍ରେରଣା ଯୋଗାଇଥାଏ । ଭାରତ ସଂବିଧାନର ଅଷ୍ଟମ ଅନୁଚ୍ଛେଦ ଅନୁଯାୟୀ ସଂସ୍କୃତଭାଷାକୁ ଆଧୁନିକ ଭାରତୀୟ ଭାଷାର (MIL) ମାନ୍ୟତା ପ୍ରଦାନ କରାଯାଇଛି । ଏହି ଭାଷାଦ୍ୱାରା ଭାରତୀୟ ସଭ୍ୟତା, ସଂସ୍କୃତି, ଧର୍ମ, ଦର୍ଶନ, ପୁରାଣ, ଇତିହାସ, ଭୂଗୋଳ, ରାଜନୀତି, ଅର୍ଥନୀତି, ଜ୍ୟୋତିଷ, ଗଣିତ, ଚିକିତ୍ସା, ନୃତତ୍ତ୍ୱ, ପ୍ରବନ୍ଧନ ବିଦ୍ୟା ଓ ବିଜ୍ଞାନ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନଲାଭ ହୋଇଥାଏ । ମାନବୀୟ ମୂଲ୍ୟବୋଧ ଓ ବିଶ୍ୱବନ୍ଧୁତ୍ୱ ସଂସ୍କୃତଭାଷା ଦ୍ୱାରା ବିକାଶ ଲାଭ କରିଥାଏ । ଏହି ଦୃଷ୍ଟିକୋଣରୁ ଉଚ୍ଚ ପ୍ରାଥମିକ ସ୍ତରରୁ ମାଧ୍ୟମିକ ସ୍ତର (ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ) ପର୍ଯ୍ୟନ୍ତ ସଂସ୍କୃତ ଭାଷା ପଠନ ଓ ପାଠନ ନିମନ୍ତେ ପାଠ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ।

### ୨. Objectives (ସାମାନ୍ୟ ଉଦ୍ଦେଶ୍ୟ) :

- ବିଦ୍ୟାର୍ଥୀମାନଙ୍କୁ ନିଜ ଲିପି ସହିତ ଦେବନାଗରୀ ଲିପିକୁ ପରିଚିତ କରାଇବା ।
- ସଂସ୍କୃତଭାଷା ସମ୍ବନ୍ଧୀୟ ପ୍ରାଥମିକ ଜ୍ଞାନ ପ୍ରଦାନ କରିବା ।
- ବୋଧଜ୍ଞାନ ପୂର୍ବକ ଶ୍ରବଣ, କଥନ, ପଠନ ଓ ଲିଖନ କ୍ଷମତା ପ୍ରଦାନ କରିବା ।
- ସଂସ୍କୃତଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ।
- ବିଦ୍ୟାର୍ଥୀମାନଙ୍କର ନୈତିକ, ସାମାଜିକ ଓ ରାଷ୍ଟ୍ରିୟ ମୂଲ୍ୟବୋଧ ବିକାଶ ପାଇଁ ପ୍ରେରଣା ଯୋଗାଇବା ।
- ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ।

### ୩. ବିଶେଷ ଉଦ୍ଦେଶ୍ୟ :

- ସଂସ୍କୃତ ଶବ୍ଦ ଗୁଡ଼ିକର ଶୁଦ୍ଧ ଉଚ୍ଚାରଣ କରିବା ଯୋଗ୍ୟତା ଉତ୍ପନ୍ନ କରାଇବା ।
- ସଂସ୍କୃତଭାଷାରେ ବ୍ୟାବହାରିକ ସରଳବାକ୍ୟ ଗୁଡ଼ିକୁ ବୁଝିବା ଓ କହିବାର କ୍ଷମତା ବଢ଼ାଇବା ।
- ଅର୍ଥବୋଧ ସହିତ ସଂସ୍କୃତ ଗଦ୍ୟାଂଶକୁ ପଢିବା ପାଇଁ କ୍ଷମତାର ବିକାଶ କରିବା ।
- ସଂସ୍କୃତ ଶ୍ଳୋକ / ଗୀତ / ପଦ୍ୟ ମନେ ରଖି ସ୍ୱର ଲୟ ଓ ତାଳ ସହିତ ଗାନ କରିବାର କ୍ଷମତା ବୃଦ୍ଧି କରିବା ।
- ସଂସ୍କୃତ ଭାଷାରେ ସରଳବାକ୍ୟ ରଚନା କରିବା ।
- ସଂସ୍କୃତଭାଷା ଓ ସାହିତ୍ୟରେ ଥିବା ବିଷୟ ପ୍ରତି ଜିଜ୍ଞାସା ସୃଷ୍ଟି କରିବା ।
- ଶ୍ରବଣ, କଥନ, ପଠନ, ଲେଖନ, ବାଚନ, ଅନୁବାଚନ, ଦୃଶ୍ୟ ଓ ଶ୍ରବ୍ୟ ପଦ୍ଧତି ଦ୍ୱାରା ଯୋଗ୍ୟତା ବୃଦ୍ଧି କରିବା ।

## ୪. କୌଶଳ ପରକ ଯୋଗ୍ୟତା :

### (କ) ଶ୍ରବଣ

- ସଂସ୍କୃତର ସରଳ ଗଦ୍ୟାଂଶ ଏବଂ ପଦ୍ୟଗୁଡ଼ିକୁ ଶୁଣି ଅର୍ଥ ବୁଝିବା ।
- ଶ୍ରେଣୀରେ ସହପାଠୀ ଓ ଶିକ୍ଷକମାନଙ୍କ ସଂସ୍କୃତ କଥୋପକଥନ ଶୁଣି ତଦନୁଯାୟୀ ଅନୁକରଣ କରିବା ।

### (ଖ) ଭାଷଣ

- ସଂସ୍କୃତରେ ସରଳ ପ୍ରଶ୍ନୋତ୍ତର କରି ଶିଖିବା
- ସହପାଠୀ ଓ ଶିକ୍ଷକମାନଙ୍କ ସହିତ ସରଳ ସଂସ୍କୃତରେ ମନର ଭାବ ବ୍ୟକ୍ତ କରିବା ।

### (ଗ) ପଠନ

- ସଂସ୍କୃତର ଗଦ୍ୟ ଓ ଲଘୁ କଥାକୁ ଶୁଦ୍ଧ ଓ ସ୍ପଷ୍ଟ ଉଚ୍ଚାରଣ କରି ପଢ଼ିବା ।
- ସଂସ୍କୃତ ପଦ୍ୟ ଓ ଗୀତ ଗୁଡିକ ଠିକ୍ ଲୟ, ତାଳ ଓ ସ୍ୱରରେ ପାଠ କରିବା ।

### (ଘ) ଲେଖନ

- ପଠିତ ସାମଗ୍ରୀ ଉପରେ ସଂସ୍କୃତରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ସଂସ୍କୃତରେ ଲେଖିପାରିବା ।
- ଚିତ୍ରଗୁଡ଼ିକ ଆଧାରରେ ସରଳ ସଂସ୍କୃତ ବାକ୍ୟ ଲେଖି ଶିଖିବା ।

## ୫. ଭାଷିତ ତତ୍ତ୍ୱ କ୍ଷମତା :

(କ) ପଠିତ ବିଷୟକୁ ଆଧାର କରି ବିଦ୍ୟାର୍ଥୀ ନିଜେ ପ୍ରାୟ ପାଞ୍ଚଟି ବାକ୍ୟ ଲେଖି ପାରିବା ।

(ଖ) ବିଶେଷ୍ୟ ତଥା କ୍ରିୟା ପଦର ବଚନ ପରିବର୍ତ୍ତନ କରି ଶିଖିବା ।

**ପ୍ରଥମଂ ଶ୍ରବଣଂ ଦ୍ୱିତୀୟଂ ମନନମ୍ ।**
**ତୃତୀୟଂ ସ୍ମରଣଂ ଚତୁର୍ଥଂ ଭାଷଣମ୍ ।**
**ପଞ୍ଚମଂ ପଠନଂ ଷଷ୍ଠଂ ଚ ଲେଖନମ୍ ।**
**ସପ୍ତମଂ ଗାୟନମ୍ ଅଷ୍ଟମଂ ବୋଧନମ୍ ।**
**ନବମଂ ନର୍ତ୍ତନଂ ଦଶମଂ କୀର୍ତ୍ତନମ୍ ।**
**ଭାଷା ପ୍ରଶିକ୍ଷଣଂ ସାମାନ୍ୟଂ ସୋପାନମ୍ ।**

## SANSKRIT SYLLABUS IN DETAIL FOR CLASS - VII

| Sl. No. | Content (Concept & sub-concept in detail) | Suggested Activities | No of Periods | Suggest Evaluation | % of Marks | Remarks |
|---|---|---|---|---|---|---|
| ୧) | ବିଶେଷ୍ୟ :<br>କ) 'ର' କାରାନ୍ତ ପୁଂଲିଙ୍ଗ -ପିତୃ,କର୍ତ୍ତୃ,ଦାତୃ ଇତ୍ୟାଦି ।<br>ଖ) 'ଇ'କାରାନ୍ତ ସ୍ତ୍ରୀଲିଙ୍ଗ-ମତି, ଗତି, ପ୍ରୀତି ଇତ୍ୟାଦି ।<br>ଗ) 'ଈ' କାରାନ୍ତ ସ୍ତ୍ରୀଲିଙ୍ଗ-ନଦୀ, ଭଗିନୀ, ଲେଖନୀ ଇତ୍ୟାଦି ।<br>ଘ) 'ଇ'କାରାନ୍ତ ଓ 'ଉ'କାରାନ୍ତ ନପୁଂସକ ଲିଙ୍ଗ - ବାରି, ମଧୁ ଇତ୍ୟାଦି । | ଚିତ୍ର ଆଧାରିତ | ୧୦ | କ) ସ୍ତମ୍ଭମେଳନ<br>ଖ) ଊହ୍ୟ ବର୍ଣ୍ଣ ସଂଯୋଜନ<br>ଗ) ବିକ୍ଷିପ୍ତ ବର୍ଣ୍ଣ ମେଳନ<br>ଘ) ଚିତ୍ର ଦେଖି ଶୂନ୍ୟସ୍ଥାନ ପୂରଣ | ୦୮ | |
| ୨) | ସର୍ବନାମ :<br>କ) ତତ୍, ଏତତ୍, ଶବ୍ଦର ତିନି ଲିଙ୍ଗରେ ସମସ୍ତ ବିଭକ୍ତିରେ ପ୍ରାୟୋଗିକ ବିଧି ମାଧ୍ୟମରେ ରୂପ ପରିଚୟ । | ସଚିତ୍ର କ୍ଷୁଦ୍ର ଓ ସରଳବାକ୍ୟ ଆଧାରିତ | ୦୮ | କ) ଶୂନ୍ୟସ୍ଥାନ ପୂରଣ<br>ଖ) ଶବ୍ଦମେଳନ<br>ଗ) ପ୍ରଶ୍ନୋତ୍ତର ଅଭ୍ୟାସ | ୦୫ | |
| ୩) | ବିଶେଷଣ :<br>କ) ସଂଖ୍ୟା ୨୧ ଠାରୁ ୫୦ ପର୍ଯ୍ୟନ୍ତ<br>ଖ) କ୍ରମ ବାଚକ - ୧ମ ଠାରୁ ୧୦ମ ପର୍ଯ୍ୟନ୍ତ ତିନିଲିଙ୍ଗ ଓ ସମସ୍ତ ବିଭକ୍ତିରେ ପ୍ରାୟୋଗିକ ଜ୍ଞାନ । | ଚିତ୍ର ଓ ଗୀତ ଆଧାରିତ | ୦୮ | କ) ଅକ୍ଷରକୁ ସଂଖ୍ୟାରେ ଲେଖନ<br>ଖ) ସଂଖ୍ୟାକୁ ଅକ୍ଷରରେ ଲେଖନ<br>ଗ) ସ୍ତମ୍ଭମେଳନ<br>ଘ) କ୍ରମସଜାଇ ଲେଖନ<br>ଙ) ଶୂନ୍ୟସ୍ଥାନ ପୂରଣ | ୦୬ | |
| ୪) | କାରକ :<br>କ) କାରକ ଗୁଡିକର ସାମାନ୍ୟ ପରିଚୟ<br>ଖ) ଉଭୟତଃ, ପରିତଃ, ସର୍ବତଃ, ନମଃ, ଉପରି ଏହି ପଦଗୁଡିକ ସହିତ ଉପଯୁକ୍ତ ଉପପଦ ବିଭକ୍ତିର ପ୍ରୟୋଗ । | ଚିତ୍ର ତଥା ରେଖା ଚିତ୍ର ଆଧାରିତ | ୧୨ | କ) ସରଳ ବାକ୍ୟରଚନା<br>ଖ) ସଂଶୋଧନ<br>ଗ) ପଦ ପରିବର୍ତ୍ତନ | ୦୮ | |

| Sl. No. | Content (Concept & sub-concept in detail) | Suggested Activities | No of Periods | Suggest Evaluation | % of Marks | Remarks |
|---|---|---|---|---|---|---|
| ୫) | କ୍ରିୟା :<br>କ) 'ଲଙ୍' ଲକାର (ଅତୀତକାଳ)<br>ଖ) ପୂର୍ବପ୍ରଚଳିତ ଧାତୁ ଗୁଡ଼ିକ ସହିତ ଭୂ, କୃ, ଚର୍,. ବସ୍, ରକ୍ଷ୍, ପୂଜ୍, ଇତ୍ୟାଦି ।<br>ଗ) 'ସ୍ମ'ର ପ୍ରୟୋଗ (ଅତୀତକାଳକୁ ବୁଝାଇବା ପାଇଁ 'ଲଟ୍' ଲକାର ପ୍ରଥମ ପୁରୁଷ କ୍ରିୟା ସହ 'ସ୍ମ'ର ପ୍ରୟୋଗ । | କ) ସରଳ ବାକ୍ୟ ଆଧାରିତ<br>ଖ) ଚିତ୍ରଗତ ପ୍ରୟୋଗ | ୦୮ | କ) ଶୂନ୍ୟସ୍ଥାନ ପୂରଣ<br>ଖ) ବାକ୍ୟରଚନା<br>ଗ) ସ୍ତମ୍ଭମେଳନ<br>ଘ) ସଂଶୋଧନ | ୦୮ | |
| ୬) | ଅବ୍ୟୟ :<br>କ) ଅଲମ୍, ଅନ୍ତଃ, ବହିଃ, ଅଧଃ, ଉପରି, ଉଚ୍ଚୈଃ, ନୀଚୈଃ, କଦାପି, ପୁନଃ | କ) ସରଳବାକ୍ୟ ଆଧାରିତ<br>ଖ) ଚିତ୍ରଗତ ପ୍ରୟୋଗ | ୦୬ | | ୦୫ | |
| ୭) | ଶ୍ଲୋକ / ଗୀତ<br>କ) ସୁଭାଷିତ<br>ଖ) ବନ୍ଦନା - ଭଗବତ୍ ବନ୍ଦନା<br>ଗ) ପ୍ରଶସ୍ତି-ଭାରତ / ଉତ୍କଳ<br>ଘ) ଆଧୁନିକ ଗୀତ - ପ୍ରାକୃତିକ ପରିବେଶଗତ ମାଙ୍ଗଳିକ ମନ୍ତ୍ର । | କ) ସ୍ୱର ସହିତ ଗାନ<br>ଖ) ଅଭିନୟ ସହିତ ଗାନ<br>ଗ) ଶ୍ଲୋକ ଉଚ୍ଚାରଣ ଓ ଶ୍ଲୋକାନ୍ତ ଆଦି ପ୍ରତିଯୋଗିତା ଆୟୋଜନ | ୦୮ | କ) ଶୂନ୍ୟସ୍ଥାନ ପୂରଣ<br>ଖ) ବାକ୍ୟ ଗଠନ<br>ଗ) ସ୍ତମ୍ଭ ମେଳନ<br>ଘ) ଅଶୁଦ୍ଧି ସଂଶୋଧନ<br>ଙ) ପଦ ପରିବର୍ତ୍ତନ | ୧୦ | |

ସପ୍ତମ ଶ୍ରେଣୀ ପାଇଁ

ମୋଟ : ଲିଖିତ - ୫୦ ନମ୍ବର

ମୌଖିକ - ୫୦ ନମ୍ବର

# पाठानुक्रमणिका


| पाठाः | विषयाः | पृष्ठाङ्काः |
|---|---|---|
| | वन्दना | 1 |
| प्रथमःपाठः | ऋकारान्त-पुंलिङ्गः | 2 |
| द्वितीयःपाठः | इकारान्त-स्त्रीलिङ्गः | 6 |
| तृतीयःपाठः | ईकारान्त-स्त्रीलिङ्गः | 9 |
| चतुर्थःपाठः | इकारान्त-नपुंसकलिङ्गः | 12 |
| | उकारन्त-नपुंसकलिङ्गः | 13 |
| पञ्चमःपाठः | संख्या | 15 |
| षष्ठःपाठः | पूरणवाचकशव्दाः | 23 |
| सप्तमःपाठः | कःसमयः | 31 |
| अष्टमःपाठः | सर्वनाम-प्रेयागः | 34 |
| नवमःपाठः | कारक-प्रयोगः | 39 |
| दशमःपाठः | स्वरान्तनपुंसकलिङ्गः प्रथमाविभक्ति-प्रयोगः | 43 |
| एकादशःपाठः | द्वितीयाविभक्ति-प्रयोगः | 46 |
| द्वाददशःपाठः | स्वरान्त-पुंलिङ्गः तृतीयाविभक्ति-प्रयोगः | 52 |
| त्रयोदशःपाठः | चतुर्थीविभक्ति-प्रयोगः | 57 |
| चतुर्द्दशःपाठः | पञ्चमीविभक्ति-प्रयोगः | 62 |
| पञ्चदशःपाठः | षष्ठीविभक्ति-प्रयोगः | 67 |
| षोड़शःपाठः | सप्तमीविभक्ति-प्रयोगः | 71 |
| सप्तदशःपाठः | आम्-न-वा प्रयोगः | 79 |
| अष्ठादशःपाठः | लङ्लकार प्रयोगः (चतुरः वानरः) | 82 |
| नवदशःपाठः | उपपदविभक्तिप्रयोगः अव्ययप्रयोगःच | 86 |
| विंशःपाठः | स्म - प्रयोग | 89 |
| एकविंशःपाठः | शिशुगीतम् | 92 |
| | प्रहेलिका (उत्तरं वदतु) | 94 |
| | के च ते ? | 96 |
| | सुभाषितानि | 99 |
| | रक्ष रक्ष काननम् | 101 |
| | उपदेशः | 103 |